SAMBAD
ସମ୍ବାଦ

# ସବୁଜିମାମୟ ହେବ ଆଇଆଇଟି କ୍ୟାମ୍ପସ୍

## ୭,୫୦୦ ଗଛ ଲାଗିଲା, ଆଉ ୭,୫୦୦ ଲାଗିବ
## ବର୍ଷ ଶେଷ ସୁଦ୍ଧା ସରିବ ପ୍ରଶାସନିକ କୋଠା ନିର୍ମାଣ

ଭୁବନେଶ୍ୱର,୫।୯(ଇମିସ): ସବୁଜିମାମୟ ହେବ ଜଟଣୀସ୍ଥିତ ଭୁବନେଶ୍ୱର ଆଇଆଇଟିର ସ୍ଥାୟୀ କ୍ୟାମ୍ପସ। କ୍ୟାମ୍ପସକୁ ପରିବେଶ ଅନୁକୂଳ କରିବା ସହ ବ୍ୟାପକ ବୃକ୍ଷରୋପଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୌର ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଗତ ୩ ମାସ ମଧ୍ୟରେ କ୍ୟାମ୍ପସରେ ୭,୫୦୦ ବୃକ୍ଷରୋପଣ କରାଯାଇଥିବା ବେଳେ ଆସନ୍ତା ଏକ ମାସ ମଧ୍ୟରେ ଆଉ ୭,୫୦୦ ବୃକ୍ଷରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ବିଭିନ୍ନ ପ୍ରଜାତିର ବୃକ୍ଷକୁ ଏହା ପରିସରରେ ରୋପଣ କରାଯାଇଛି ବୋଲି ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର କହିଛନ୍ତି।



ବରୁଣେଇ ପାହାଡ଼ ତଳେ ୯୨୬ ଏକର ପରିମିତ ଜମିରେ ନୂଆ କରି ସୃଷ୍ଟି ହୋଇଥିବା କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଇଛି। ଏବେ ସୁଦ୍ଧା ନୂତନ କ୍ୟାମ୍ପସରେ ୧୦୦୦ ଛାତ୍ରଛାତ୍ରୀ ରହିବା ପାଇଁ ବ୍ୟବସ୍ଥା ହୋଇସାରିଥିବା ବେଳେ ଅଧ୍ୟାପକ ଏବଂ କର୍ମଚାରୀଙ୍କ ଲାଗି ୧୨୦ଟି ବାସଭବନ, ଅତିଥିଭବନ, କମ୍ୟୁନିଟି ସେଣ୍ଟର ଏବଂ ଏକ କ୍ଷୁଦ୍ର ବଜାର ବ୍ୟବସ୍ଥା ମଧ୍ୟ ହୋଇଛି। ନାଇଜର୍ କ୍ୟାମ୍ପସରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସରେ ଛାତ୍ରଛାତ୍ରୀଙ୍କ ରହିବା ଲାଗି ବ୍ୟବସ୍ଥା ହୋଇଛି। ଯେଉଁଠାରେ ରହି ପିଲାମାନେ ଆଇଆଇଟିରେ ପଢ଼ିବାର ସୁଯୋଗ ପାଉଛନ୍ତି। ଏବେ ସୁଦ୍ଧା ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଆଇଆଇଟିର ମୁଖ୍ୟ ପ୍ରଶାସନିକ କୋଠା ଏବଂ ସ୍କୁଲ ଅଫ୍ ମେକାନିକାଲ ସାଇନ୍ସ କୋଠା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଗବେଷଣା ପାଇଁ ଭୁବନେଶ୍ୱର ଆଇଆଇଟି ସହ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ରାଜିନାମା ହୋଇଛି। ଗତ ଏକ ବର୍ଷ ମଧ୍ୟରେ ୱାସିଂଟନ୍ ୟୁନିଭର୍ସିଟି, ୟୁନିଭର୍ସିଟି ଅଫ୍ ମଞ୍ଚେଷ୍ଟର, ୟୁନିଭର୍ସିଟି ଅଫ୍ ବ୍ରିଟିସ୍ କଲମ୍ବିଆ, ୟୁନିଭର୍ସିଟି ଅଫ୍ କ୍ୟୁବିକ୍, ୟୁନିଭର୍ସିଟି ଅଫ୍ ୱାଟରଲୁ, ୟର୍କ ୟୁନିଭରସିଟି ପରି ଶିକ୍ଷାନୁଷ୍ଠାନ ସହାୟତାରେ ଗବେଷଣା ଚାଲିଛି।

ଛାତ୍ରଛାତ୍ରୀଙ୍କ ଇଣ୍ଟର୍ଣ୍ଣସିପ୍, ଅଧ୍ୟାପକଙ୍କ ଗସ୍ତ ପରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଇତିମଧ୍ୟରେ ୩୬ ଜଣ ଅଧ୍ୟାପକ ଏବଂ ୬ ଜଣ ଛାତ୍ରଛାତ୍ରୀ ବିଦେଶ ଗସ୍ତ କରି ବିଭିନ୍ନ ଶିକ୍ଷା ଏବଂ ଗବେଷଣା ସମ୍ପର୍କିତ ସନ୍ଦର୍ଭ ଦାଖଲ କରିଛନ୍ତି। ବାହାର ଦେଶର ଶିକ୍ଷାବିତ୍, ଗବେଷକ ଏଠାକୁ ଆସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ଏହାକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି।

### ଖୋଲିବ କମ୍ପ୍ୟୁଟର ଏବଂ ଆଇଟି ସେଲ୍

ଆଇଆଇଟିର ସ୍ଥାୟୀ କ୍ୟାମ୍ପସରେ କମ୍ପ୍ୟୁଟର ଆଣ୍ଡ ଆଇଟି ସର୍ଭିସେସ୍ ସେଲ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କ୍ୟାମ୍ପସ ଭିତର କୋଠାଗୁଡ଼ିକୁ ଇଣ୍ଟରନେଟ୍ ମାଧ୍ୟମରେ ସଂଯୋଗୀକରଣ କରାଯିବ। ଶବ୍ଦ, ଭିଡିଓ ସୁବିଧା ଉପଲବ୍ଧ ହେବ। ଏହି ନେଟ୍‌ୱାର୍କରେ ୧ ଜିବିପିଏସ୍ ଫାଇବର ଅପ୍‌ଟିକ୍ ନେଟ୍‌ୱାର୍କ ଏବଂ ୧୦୦ ଏମ୍‌ବିପିଏସ୍ ଓ୍ୱାୟାରଲେସ୍ ଇଣ୍ଟରନେଟ୍ ସୁବିଧା ରହିବ। ଅଧ୍ୟାପକ, ଛାତ୍ରଛାତ୍ରୀ, ଅତିଥି ଏବଂ ଅନ୍ୟମାନଙ୍କ ଲାଗି କ୍ୟାମ୍ପସରେ ଏକ କ୍ଷୁଦ୍ର ସାଧାରଣ କମ୍ପ୍ୟୁଟିଂ ସୁବିଧା (ଜିସିଏଫ୍) କେନ୍ଦ୍ର ଖୋଲାଯିବ।

### ଶତ ପ୍ରତିଶତ ନିଯୁକ୍ତି ସୁବିଧା ଲକ୍ଷ୍ୟ

ଭୁବନେଶ୍ୱର ଆଇଆଇଟିରେ କୃତକାର୍ଯ୍ୟ ହେଉଥିବା ଛାତ୍ରଛାତ୍ରୀଙ୍କ ଶତ ପ୍ରତିଶତ ନିଯୁକ୍ତି ସୁବିଧା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇଛନ୍ତି। ୨୦୧୫-୧୬ ଶିକ୍ଷାବର୍ଷରେ ୮୫ ପ୍ରତିଶତ ପିଲାଙ୍କୁ ନିଯୁକ୍ତି ସୁଯୋଗ ମିଳିଥିବା ବେଳେ ଏହି ସଂଖ୍ୟାକୁ ଶତ ପ୍ରତିଶତ କରିବାକୁ ଲକ୍ଷ୍ୟ ରଖାଯାଇଛି। କ୍ୟାରିୟର ଡେଭଲପ୍‌ମେଣ୍ଟ ସେଲ(ସିଡିସି) ମାଧ୍ୟମରେ ଏହି ଲକ୍ଷ୍ୟ ପୂରଣ କରିବାକୁ ନିଷ୍ପତ୍ତି ହୋଇଥିବା ନିର୍ଦ୍ଦେଶକ ପ୍ରଫେସର ରାଜକୁମାର କହିଛନ୍ତି।